# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 05 November – 2025

*********************************

## ମୁଖ୍ୟ ସମ୍ବାଦ

- ପେନ୍‌ସନ୍‌ଭୋଗୀଙ୍କ ପାଇଁ ଡିଜିଟାଲ ଜୀବନ ପ୍ରମାଣ ପତ୍ର' ଚତୁର୍ଥ ପର୍ଯ୍ୟାୟର ଆଜି ହେଲା ଶୁଭାରମ୍ଭ

- ଭାରତର ନୌବାଣିଜ୍ୟ କ୍ଷେତ୍ରକୁ ପାରାଦ୍ୱୀପ ବନ୍ଦର ଅର୍ଥନୈତିକ ସ୍ତରରେ ସଶକ୍ତ କରୁଛି; କହିଲେ ମୁଖ୍ୟମନ୍ତ୍ରୀ

— କଟକରେ ଆଜିଠାରୁ ଆରମ୍ଭ ହେଉଛି ଐତିହାସିକ ବାଲିଯାତ୍ରା

- ପୁରୀ ଶ୍ରୀମନ୍ଦିରରେ ଆଜି ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ଏବଂ

- ଚଳିତ ଖରିଫ୍‌ଋତୁ ପାଇଁ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କଲେ ସରକାର

## ଡିଜିଟାଲ ଜୀବନ ପ୍ରମାଣପତ୍ର

ଦେଶର ୨୫ ଲକ୍ଷ ପେନ୍‌ସନ୍‌ଭୋଗୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପାଇଁ ମୁଖ ଚିହ୍ନଟ ପ୍ରକ୍ରିୟା ଆପଣାଇଛନ୍ତି ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନର ଚତୁର୍ଥ ପର୍ଯ୍ୟାୟକୁ ଶୁଭାରମ୍ଭ କରି ମନ୍ତ୍ରୀ ଡକ୍ଟର ସିଂ ଏହା କହିଛନ୍ତି। ମଙ୍ଗୋଲିଆ ଏବଂ ମାଳଦ୍ୱୀପ ସମେତ ବହୁ ରାଷ୍ଟ୍ର ଭାରତର ଏହି ଅଭିଯାନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଚଳିତ ମାସ ଶେଷ ପର୍ଯ୍ୟନ୍ତ ଏହି ଅଭିଯାନ ଦେଶବ୍ୟାପୀ ଜାରି ରହିବ ବୋଲି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି। ଅଭିଯାନ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏକ ପୁସ୍ତିକା ଏବଂ କ୍ଷୁଦ୍ର ଚଳଚ୍ଚିତ୍ରକୁ ମନ୍ତ୍ରୀ ଡକ୍ଟର ସିଂହ ଉଦ୍‌ଘାଟନ କରିଛନ୍ତି।

## ମୁଖ୍ୟମନ୍ତ୍ରୀ-ପାରାଦ୍ୱୀପ

ପାରାଦ୍ୱୀପ ବନ୍ଦର ସମଗ୍ର ଭାରତବର୍ଷର ନୌବାଣିଜ୍ୟ କ୍ଷେତ୍ରକୁ ଅର୍ଥନୈତିକ ସ୍ତରରେ ସଶକ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପାରାଦ୍ୱୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବୋଇତ ବନ୍ଦାଣ ଓ ବାଲିଯାତ୍ରା ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ଐତିହ୍ୟର ପ୍ରତୀକ। ପାରାଦ୍ୱୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତୀର ଦ୍ୱାର ଓ ଅର୍ଥନୀତିର କୋଣାର୍କ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ୨୦୨୫ ମସିହାରେ ପଣ୍ୟ ପରିବହନ କ୍ଷମତା ୧୫୦ ନିୟୁତ ଟନ୍‌ରେ ପହଞ୍ଚିଛି। ମାରିଟାଇମ୍ ଇଣ୍ଡିଆ ଭିଜନ'୨୦୩୦ ଅନୁସାରେ ବାର୍ଷିକ ୩୦୦ ନିୟୁତ୍ ଟନ୍ ଓ ବିକଶିତ ଭାରତ ୨୦୪୭ ଯୋଜନାରେ ପାରାଦ୍ୱୀପ ବନ୍ଦରକୁ ଏକ ବୃହତ୍ ବନ୍ଦର ଭାବେ ଗଢ଼ାଯିବା ସହ ପଣ୍ୟ ପରିବହନ କ୍ଷମତା ୫୦୦ ନିୟୁତ ଟନ୍‌କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାର ଓ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧ ହଜାର ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ୍ ବନ୍ଦର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ମହାନଦୀ ମୁହାଣରେ ୨୪ ହଜାର ୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରକୁ ନୂତନ ଦିଗ ଦେବ ବୋଲି ଶ୍ରୀ ମାଝୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସାଗରମାଳା, ଗତିଶକ୍ତି ଏବଂ ଜାତୀୟ ପରିବହନ ଯୋଜନା ସହ ସମନ୍ୱୟ ରଖି ରାଜ୍ୟରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଇଛି। ରାଜ୍ୟ ସରକାର ଉପକୂଳବର୍ତ୍ତୀ ଅର୍ଥନୈତିକ ଜୋନ୍ ସ୍ଥାପନ ପାଇଁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -(CM)**

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ ଆଜିଠାରୁ ଆରମ୍ଭ ହେଉଛି । ଏସିଆ ମହାଦେଶର ଏହି ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଅପରାହ୍ଣରେ ଉଦ୍‌ଘାଟନ କରିବେ। ପ୍ରଥମଥର ପାଇଁ ବାଲିଯାତ୍ରାରେ ଇଣ୍ଡୋନେସିଆ ସହଭାଗୀ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରୁଛି। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍.କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଉଛନ୍ତି। ଚଳିତଥର ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହେବ। ଚଳିତ ଥର ପ୍ରାୟ ୬୦ ଏକର ପରିମିତ ଜମିରେ ୧୬ ଶହ ୬୦ରୁ ଅଧିକ ଷ୍ଟଲ୍ ପଡିଛି। ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ ଲୋକକଳା ଏବଂ ସଂସ୍କୃତିକୁ ନେଇ ଜିଲ୍ଲାରେ ସାଂସ୍କୃତିକ ଦଳମାନେ କାର୍ଯ୍ୟକ୍ରମ ପରିବେଷଣ କରିବେ। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## ବୋଇତବନ୍ଦାଣ କାର୍ଯ୍ୟକ୍ରମ

ପ୍ରାଚୀନ ଉତ୍କଳୀୟ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ

କରାଯାଉଛି । ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଛନ୍ତି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଐତିହାସିକ ବାଲିଯାତ୍ରା ଓ ବୋଇତ ବନ୍ଦାଣର ଶୁଭ ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ବାଲିଯାତ୍ରା ହେଉଛି ଓଡ଼ିଶାର ଗୌରବମୟ ସାମୁଦ୍ରିକ ବାଣିଜ୍ୟ ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ସହିତ ଜଡିତ ଏହି ଦିବ୍ୟ ଅବସର ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଆଣିଦେଉ ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଏହି ପରମ୍ପରା ଓଡ଼ିଶାର ଗର୍ବ ଓ ସଂସ୍କୃତିର ଜୀବନସ୍ପନ୍ଦନ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବୋଇତ ବନ୍ଦାଣ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ନୌବାଣିଜ୍ୟ ଆମ ପରମ୍ପରା, ସଂସ୍କୃତି ଓ ଗରିମାମୟ ଅତୀତର ପରିଚୟ । ଏହି ପର୍ବ ସମସ୍ତଙ୍କ ମନରେ ନୂଆ ଆଶା ଓ ଉତ୍ସାହ ଭରିଦେଉ ।

## ଡଙ୍ଗାଭସା-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲା ପୁରୁଣା ସହର ସାଗରକୂଳରେ ଏହି ଉତ୍ସବରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ମହାନଦୀ ଓ ତେଲନଦୀର ସଂଗମସ୍ଥଳି ସୋନପ୍ରୟାଗ ଓ ବିନିକା ପାପକ୍ଷୟ ଘାଟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇବା ସହ ଦେବଦର୍ଶନ କରିଛନ୍ତି। ବଡମାଳ ଗ୍ରାମ ଏବଂ ଘିଚାପାଲିଠାରେ ରାସପୂର୍ଣ୍ଣିମା ଯାତ୍ରା ଆୟୋଜିତ ହୋଇଯାଇଛି।

**ମାଲକାନଗିରି** ଜିଲ୍ଲା ସଦରମହକୁମାଠାରେ ବୋଇତ ବନ୍ଦାଣ ପର୍ବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

**କୋରାପୁଟ** ଜିଲ୍ଲା ସାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ତ୍ରିଦେବ ଦର୍ଶନ ପୂର୍ବରୁ ଚନ୍ଦନ ପୋଖରିରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ଢେଙ୍କାନାଳ** ଭାଗୀରଥି ସାଗର ପୋଖରୀ କୂଳରେ ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କପିଳାସଠାରେ ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପର୍ବତାରୋହଣ

କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ୩୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ ।

**ନବରଙ୍ଗପୁର** ଇନ୍ଦ୍ରାବତୀ ନଦୀ ସହ ଜିଲ୍ଲାର ବିଭିନ୍ନ ଜଳଉତ୍ସଗୁଡ଼ିକରେ ପ୍ରତ୍ୟୁଷରୁ ଡଙ୍ଗା ଭସାର ଅନୁଷ୍ଠିତ ହୋଇଯାଇଛି ।

# ଶ୍ରୀଜୀଉଙ୍କ ସୁନାବେଶ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ରତ୍ନ ସିଂହାସନ ଉପରେ ରାଜରାଜେଶ୍ୱର ବେଶ ବା ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କାର୍ତ୍ତିକ ପୂର୍ଣ୍ଣମୀ ଓ ହବିଷ ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ବ୍ରହ୍ମପୁର–ପୁରୀ ପାସେଞ୍ଜର, ପୁରୀ-ବ୍ରହ୍ମପୁର ପାସେଞ୍ଜର ଓ ପୁରୀ-ବ୍ରହ୍ମପୁର ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି ।

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କର ଗତକାଲି ବକାସୁର ସଂହାର ବେଶ ଅନୁଷ୍ଠିତ ହୋଇଯାଇଛି । ସାହାଣ ମେଳାରେ ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାବେଶ ହୋଇଥିଲା ।

ଭଦ୍ରକ ଜିଲ୍ଲା ଆରଡିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।

ମଣିବାବା ହରଗୌରୀ ଦିଗମ୍ବର ପଞ୍ଚାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

**ନୟାଗଡ଼** ଜିଲ୍ଲାର ନୀଳମାଧବଜୀଉଙ୍କୁ ଆଜି ଯୁଗଳମୂର୍ତ୍ତି ଓ ଗଜଉଦ୍ଧରଣ ବେଶ, ପଶାଖେଳ ତଥା ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଛି । ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ନୀଳମାଧବଜୀଉଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

## ଭିନ୍ନକ୍ଷମ ଶିବିର

**ଭଦ୍ରକ** ଜିଲ୍ଲା ଇଛାପୁର ଅନ୍ତର୍ଗତ ବ୍ରହ୍ମପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପ୍ରାୟ ୪ ଶହ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଉପକରଣ ବଣ୍ଟନ ସହ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା ।

## ଆମ୍ବଲମ୍ ଅଗ୍ନିପୂଜା

**ନବରଙ୍ଗପୁର** ଜିଲ୍ଲା ଉମରକୋଟରେ ଆମ୍ବଲମ୍ ଓ ଅଗ୍ନିପୂଜା ଅନୁଷ୍ଠିତ ହୋଇଯାଇଛି । ଭଗବାନ ଆୟପ୍ପାନ୍‌ଙ୍କ ଏହି ପୂଜାରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅଗ୍ନିପୂଜା ଦ୍ୱାରା ସାମୁହିକ ଉନ୍ନତି ସହ ସମସ୍ତ ଭକ୍ତଙ୍କ ମଙ୍ଗଳକାମନା କରାଯାଇଥିଲା ।

# ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୬ତମ ପ୍ରକାଶ ପର୍ବ ଆଜି ପାଳନ କରାଯାଉଛି । ୧୪୬୯ ମସିହା କାର୍ତ୍ତିକ ମାସ

ପୂର୍ଣ୍ଣମୀ ଦିନ ଶ୍ରୀ ନାନକ ଦେବ ଜୀ' ଲାହୋରର ରାଇ ଭୋଇ କି ତାଲଓ୍ୱଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ଲାହୋରର ନାନକାନା ସାହେବ ଭାବେ ପରିଚିତ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ନାନକଙ୍କ ପ୍ରକାଶପର୍ବରେ  ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଗୁରୁନାନକଙ୍କ ଆଦର୍ଶ ଓ ମୂଲ୍ୟବୋଧ ସମସ୍ତଙ୍କୁ ପ୍ରେରଣା ଯୋଗାଇବା ସହ ନୂତନ ମାର୍ଗଦର୍ଶନ ଦେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗୁରୁନାନକଙ୍କ ଜୀବନ ଓ ବାଣୀ ସର୍ବଦା ମାନବ ଜାତିକୁ ଅମରଜ୍ଞାନରେ ପଥ ପ୍ରଦର୍ଶନ କରୁଛି। କରୁଣା, ସମାନତା, ନମ୍ରତା ଓ ସେବା ସମ୍ବନ୍ଧୀୟ ତାଙ୍କ ଉପଦେଶ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ଶ୍ରୀ ମୋଦୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏହି ଅବସରରେ ମହାନ୍ ସନ୍ଥ ଶିଖ୍ ସମ୍ପ୍ରଦାୟର ପ୍ରଥମ ଗୁରୁ ନାନକଦେବଜୀ ମହାରାଜଙ୍କ ଚରଣରେ ପ୍ରଣାମ ଜଣାଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶପର୍ବର ଶୁଭେଚ୍ଛା ଜଣାଇ କହିଛନ୍ତି, ଗୁରୁନାନକ ସର୍ବଦା ଉପଦେଶମାନଙ୍କ ମଧ୍ୟରେ ମାନବତା, ସମାନତା, ସତ୍ୟ ଓ କରୁଣାର ମାର୍ଗ ପ୍ରଶସ୍ତ କରିଥିଲେ।

## ଧାନ ଏମ୍‌ଏସ୍‌ପି

ଚଳିତ ଖରିଫ୍‌ଋତୁରେ ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟତା ରାଶି ପ୍ରଦାନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଇଣ୍ଟାଇ ପିଛା ୩ ହଜାର ୧୦୦ ବଦଳରେ ୩ ହଜାର ୧୬୯ ଟଙ୍କା ଚାଷୀଙ୍କୁ ଦିଆଯିବ। ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପିଛା ୩ ହଜାର ୧୮୯ ଟଙ୍କା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ବର୍ଦ୍ଧିତ ଏମ୍‌ଏସପି ୨ ହଜାର ୩୬୯ ଟଙ୍କା ସ୍ଥିର କରିଥିବାବେଳେ ରାଜ୍ୟ ସରକାର କୁଇଣ୍ଟା ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିଛନ୍ତି।

## ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନକୁ ଆଉ ୬ ଦିନ ବାକି ଅଛି। ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। **ଭାରତୀୟ ଜନତା ପାର୍ଟି**ର ପ୍ରାର୍ଥୀ ଜୟ ଢ଼ୋଲକିଆ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ନୂଆପଡ଼ା ଗସ୍ତରେ ଯାଇ କୋମନାଠାରେ ଏକ ନିର୍ବାଚନ ରାଲିରେ ଯୋଗଦେବେ।

*********************************